# ଛିଟି

**(ଛିଟି ର ଅର୍ଥ ହେଲା ପ୍ରବାସ )**

ପ୍ରବାସ ପର ଦେଶରେ ବାସ
ଯାଯାବର ଜୀବନ
ଅଦେଖା ବ୍ୟସନ
ଅକୁହା ଗୁଞ୍ଜନ
କୋହର ସମୀରଣ;
ସତରେ ବହୁତ କଷ୍ଟ ।
କଷ୍ଟ ଟା କ୍ଲିଷ୍ଟ ହୋଇଯାଏ
ଯେବେ ପଡେ ରୋଜି ଅପାଙ୍କ
"ବରଫର ଦେଶ"
ଝୁଣ୍ଟିପଡେ, ପାଦ ରହିଯାଏ
ବରଫରେ ଚାଲୁ ଚାଲୁ
ଧବଳମୟତାରେ ହଜୁ ହଜୁ
ମନେପଡେ
ପିଲାଦିନ, ସ୍କୁଲ ଯିବାର ବେଳ
ଅନବରତ ବର୍ଷାର ଶ୍ରାବଣ
ନଦୀ ବଢି,
ମାଟିଆ ପାଣିରେ ଗାଁ ଜଳମଗ୍ନ
ଏଠି ଯେମିତି ବରଫାଛନ୍ନ ।

ପୁଣି ମନେପଡେ ପିତନୀ ଭାଇ
ଆଉ ତାହାର ଛୋଟ ଡଙ୍ଗା
ସେହି ଡଙ୍ଗାରେ ସେ ଆମକୁ ସ୍କୁଲ ନିଏ
ସ୍ୱଳ୍ପ ସମୟ ଭିତରେ
ଆମର ଭବିଷ୍ୟତ,
ତାହାର ଅତୀତ – ବର୍ତ୍ତମାନ ସବୁ
ବଖାଣିଦିଏ
ପଢିବାର ବଳଦିଏ
ବଡ ମଣିଷ ହେବାର ସ୍ୱପ୍ନ ଦେଖାଏ
ବିଦେଶ ଯିବାର ଇଚ୍ଛା ଜଗାଏ ।
କେବେବି ତ' କହେନି
ବିଦେଶୀ ହୋଇଯାଅ
ଗାଁ କୁ ଭୁଲିଯାଅ, ମା କୁ ପର କରିଦିଅ
ବରଫ ଦେଶର ବରଫ ତଳେ
ସୁପ୍ତ ଶୀତନିଦ୍ରାରେ ଶୋଇଯାଅ ।
ଏବେ ଯେବେ ତାକୁ ଦେଖେ
ପିଲାଦିନର ଆତ୍ମୀୟତା ଆଉ ସେ
ଦେଖାଏନି
ନିଜ ଦୁଃଖରେ ଦୁଃଖୀ
ଭବିଷ୍ୟତ- ବର୍ତ୍ତମାନ- ଅତୀତ
ବଖାଣିବାର ସମୟ ନାହିଁ,
କି କ'ଣ କହିବ ଭାବି ପରେନି,
ଯେମିତି
" ତୁ, ତମେ, ଆପଣ, ବାପି, ହିମାଂଶୁ, ବାବୁ, ସାର"
ସପ୍ତ ସମ୍ବୋଧନର ଶରରେ ସେ ଶଯ୍ୟାସାୟୀ
ଚକ୍ରବ୍ୟୁହରୁ ମୁକୁଳିବାର ଉପାୟ ହିଁ ନାହିଁ ।

ପ୍ରବାସ ନିର୍ଜନ ପଥରେ ବୁଲୁ ବୁଲୁ

କଂକ୍ରିଟ ଜଙ୍ଗଲରେ ଚାଲୁ ଚାଲୁ

ନଜର ପଡିଯାଏ ନିରୀହ ନିଃସହାୟ

ବୁଢୀ ମାଉସୀଟି ଉପରେ

ସେ ଚାଲିଥାଏ ବଙ୍କୁଲି ବାଡିଟି ଧରି

ଠେଲା ଗାଡିର ଭରଷା କରି;

ପାଦ ଥମିଯାଏ, ମନ ଥକିଯାଏ , ଓଠ ଥରିଉଠେ

ବିବେକ ମନକୁ ପ୍ରଶ୍ନକରେ

ବଡପଣିଆକୁ ଧିକ୍କାରେ

ଅର୍ଥ ସାମ୍ରାଜ୍ୟର ସମ୍ରାଟଙ୍କୁ ପରିହାସକରେ

ପଚାରେ

ଭାବିଛୁ ଥରେ ସେମାନଙ୍କ ବିଷୟରେ

ଘରେ ଛାଡି ଆସିଥିବା

ସେହି ଅସହାୟ ବୁଢା-ବୁଢୀଙ୍କ କଥା

ନିଜ ବାପା-ବୋଉଙ୍କ କଥା

ଯିଏ ତୋତେ ବିଦେଶ ରେ ପଢିବାର

ସ୍ୱପ୍ନ ଦେଖୁଥିଲେ

ବଡ ମଣିଷ ହେବାପାଇଁ

କେତେ ଦିଅଁ ପୂଜୁଥିଲେ

ସତରେ

“ଡାକ ମୁନସୀ” ର “ଗୋପାଳ” ହୋଇଯାଇଛୁ

“ହରି ସିଂ” କୁ ପର କରିଦେଇଛୁ

ନିଜଘରୁ ତଡିଦେଇଛୁ ।

ନାହିଁ ବାପା

“ଗୋପାଳ” ହେବା ବହୁତ କଷ୍ଟ

ବହୁ ଅଧ୍ୟବସାୟ ଦରକାର

ନିଜକୁ ନିଜେ ଘୃଣା କରିବା ଦରକାର

ମୁଁ ସେତେ ତଳକୁ ଯାଇନାହିଁ ;

ଏବେବି ଅନୁଭବ କରେ

ତମ ପିତୃତ୍ୱ, ତମ ସ୍ନେହ

ମୋ ଭିତରେ

ଯେବେ ତୁମ ନାତୁଣୀ

ତାହା କୁନି ଅଧରରେ କଥା କହେ,

କୁନି କୁନି ଓଠରେ ଅଝଟ କରେ ।

ପିତୃତ୍ୱ ପାଖରେ ସବୁ ହାରମାନନ୍ତି

ଅଭିମାନ-ସ୍ୱାଭିମାନ, ରାଗ-ରୋଷ,

ମାୟା-ମୋହ ସବୁକିଛି

ଯେମିତ ହାରିଯାଏ “ଅଜାତଶତ୍ରୁ”

“ଉଦୟଭଦ୍ର”ର କୁଆଁ କୁଆଁ ରାବରେ

ଦଉଡିଯାଏ “ବିମ୍ବିସାର” ପାଖକୁ

ସେମିତି ମୁଁ ଫେରିଯିବି

ତମ ଦୁଃଖର ପସରା ହେବାକୁ, ଅନ୍ଧର ଲଉଡି ହେବାକୁ

“ଶ୍ରବଣ କୁମାର” ଭଳି

ଆଉ ଅଳ୍ପ ଦିନର ଅପେକ୍ଷା ପରେ

ଏହି “ଇତି” ରେ ଇତି ହୋଇଗଲା ପରେ ।


ହିମାଂଶୁ ଶେଖର ବିଶ୍ୱାଳ

୧୦-୦୩-୨୦୧୨, ମିଚିଗାନ, ଯୁକ୍ତରାଷ୍ଟ୍ର ଆମେରିକା